## ଡମ୍ବରୁଧରଙ୍କୁ 'ସଫଳ କୃଷକ' ସମ୍ମାନ

ଭଣ୍ଡାରିପୋଖରୀ,(ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀ ଶାସନ ଗ୍ରାମର ଡମ୍ବରୁଧର ବେହେରାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ 'ସଫଳ କୃଷକ' ସମ୍ମାନରେ ସମ୍ମାନିତ କରାଯାଇଛି। ବ୍ଲକ କୃଷି ଅଧିକାରୀ ଶ୍ରୀଧର ଦାସଙ୍କ ସୁପାରିସ କ୍ରମେ ସରକାରଙ୍କ ପକ୍ଷରୁ ମନ୍ତ୍ରୀ ଅରୁଣ ସାହୁ ଭୁବନେଶ୍ୱରରେ ଆୟୋଜିତ କୃଷି ଓଡ଼ିଶା କାର୍ଯ୍ୟକ୍ରମରେ ଡମ୍ବରୁଧରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

**ସଂକ୍ଷେପରେ**

## ନାବାଳିକାଙ୍କ ଫଟୋ ଉଠାଇ ବ୍ଲାକ୍‌ମେଲିଂ

**ସଜନାଗଡ଼,୧୮।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜନୈକ କ୍ୟାମେରାମ୍ୟାନ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବ୍ଲାକମେଲିଂ କରୁଥିବା ଗତ ୧୩ ତାରିଖରେ ଥାନାରେ ଅଭିଯୋଗ ହୋଇଛି। ଏକ ବାହାଘରର ଭିଡ଼ିଓ ଉତ୍ତୋଳନ କରିବାକୁ ଯାଇଥିବା କ୍ୟାମେରାମ୍ୟାନ୍ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ଏଭଳି କାର୍ଯ୍ୟ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଖବର ଲେଖା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

ଅଭିଯୋଗ ଅନୁଯାୟୀ, ଉକ୍ତ ବିବାହରେ କ୍ୟାମେରାମ୍ୟାନ ନାବାଳିକାଙ୍କ ମନରେ ବିଶ୍ୱାସ ଜନ୍ମାଇ ଫଟୋ ଉଠାଇଥିଲେ। ଫରେ ଫଟୋକୁ ଏଡ଼ିଟିଂ କରି ନାବାଳିକାଙ୍କୁ ବ୍ଲାକମେଲିଂ କରିବା ସହ ବିବାହ ନ କଲେ ଫଟୋ ସବୁ ଭାଇରାଲ କରି ଜୀବନ ନଷ୍ଟ କରିଦେବାକୁ ଧମକ ଦେଇଥିବା ନାବାଳିକାଙ୍କ ବାପା ଏତଲାରେ ଦର୍ଶାଇଛନ୍ତି। ଏପରିକି ବିଭିନ୍ନ ନମ୍ବରରୁ ନାବାଳିକାଙ୍କ ପାଖକୁ ଫୋନ୍ ଆସୁଥିବା ମଧ ଅଭିଯୋଗ ହୋଇଛି। ଏପରିକି ଗତ ୬ତାରିଖରେ ଉକ୍ତ କ୍ୟାମେରା ମ୍ୟାନ ନାବାଳିକାଙ୍କ ଗାଁକୁ ଆସି ଧମକଚମକ ଦେଇଥିଲେ। ଏହି ସମୟରେ ଗାଁ ଲୋକେ ବାହାରିପଡ଼ିବାରୁ ସେ ବାଇକ୍‌ରେ ଦ୍ରୁତଗତିରେ ପଳାଇ ଯାଇଥିଲେ।

## ୩ ଚୋରା ମଦ ବେପାରୀ ଗିରଫ

**ରାଇବଣିଆ, ୧୮।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଅବକାରୀ ବିଭାଗ ଓ ଥାନା ପକ୍ଷରୁ ଗୁରୁବାର ମିଳିତ ଚଢ଼ାଉ କରାଯାଇ ୩ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୫୧ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ବେପାରୀମାନେ ହେଲେ ଜଳେଶ୍ୱର ଥାନା ଅଧୀନ ଗୋପ ଗାଁର ବାମନ ଦେହୁରୀ, କକାଳି ଦେହୁରୀ ଓ ଗୁରୁଦାସପୁର ଗ୍ରାମର ବୁଦ୍ଧିଆ ସିଂ। ଅବକାରୀ ସବ୍‌ଇନ୍ସପେକ୍ଟର ଦେବେନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିଲା।

## ଟାଟାଖଣିରେ ଦୁର୍ଘଟଣା, ଶ୍ରମିକ ଗୁରୁତର

**ଯୋଡା,୧୮।୩(ଡି.ଏନ.ଏ):** କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଖଣ୍ଡବନ୍ଧସ୍ଥିତ ଖଣ୍ଡବନ୍ଧ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଜିଆଇବି ଇଞ୍ଜିନିୟରିଂର ଜଣେ ଠିକା ଶ୍ରମିକ କାର୍ଯ୍ୟରତ ଥିବାବେଳେ ଦୁର୍ଘଟଣା ଘଟି ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଗତ ବୁଧବାର ସନ୍ଧ୍ୟାରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବାମହାତର ୨ ଆଙ୍ଗୁଠିରେ ଆଘାତ ଲାଗିଥିଲା। ତାଙ୍କୁ ଯୋଡ଼ା ଟାଟାଷ୍ଟିଲ ଡାକ୍ତରଖାନାକୁ ପ୍ରାଥମିକ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ଅଧିକ ଚିକିତ୍ସା ଲାଗି ତାଙ୍କୁ ଜାମସେଦପୁରସ୍ଥିତ ଟାଟା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଟାଟାଷ୍ଟିଲର ଚିଫ୍ କର୍ପୋରେଟ୍ କମ୍ୟୁନିକେଶନ ଅଧିକାରୀ ସର୍ବେକ୍ଷ କୁମାର ପ୍ରେସ୍ ବିବୃତିରେ ଜଣାଇଛନ୍ତି। ତେବେ ବୁଧବାରଠାରୁ ଏହି ଘଟଣା ଘଟିଥିବା ବେଳେ କମ୍ପାନୀ ପକ୍ଷରୁ ଥାନାରେ କୌଣସି ରିପୋର୍ଟ କରାଯାଇ ନ ଥିବା ବାମେବାରୀ ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି।

# ଗାଁକୁ ସହର, ନାହିଁ ସର୍ବନିମ୍ନ ସୁବିଧା

**ଜଳେଶ୍ୱର, ୧୮।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ୧୬ନଂ. ୱାର୍ଡରେ ଥିବା ମଣିପାଟଣା ଗାଁରେ ନାହିଁ ସର୍ବନିମ୍ନ ସୁବିଧା। ଗାଁକୁ ନାହିଁ ସବୁଦିନିଆ ରାସ୍ତା। ଫଳରେ କୌଣସି ଗାଡି ମୋଟର ଗାଁକୁ ଆସିପାରେ ନାହିଁ। ଏପରିକି ଆମ୍ବୁଲାନ୍ସ ମଧ ପଶିପାରେ ନାହିଁ। ଜରୁରୀ ସମୟରେ ରୋଗୀ କିମ୍ବା ପ୍ରସୂତିଙ୍କୁ ଖଟରେ ବୁହାଇ ୨ କି.ମି. ପର୍ଯ୍ୟନ୍ତ ନେବାକୁ ପଡିଥାଏ। ଲୋକେ ଅଙ୍କାବଙ୍କା ହିଡ ଦେଇ ଚାଲି ଚାଲି ଯିବା ଆସିବା କରିଥାନ୍ତି। ନିର୍ବାଚନ ଆସିଲେ ନେତା, ମନ୍ତ୍ରୀ ସମସ୍ତେ ପ୍ରତିଶ୍ରୁତି ଦେଇଥାନ୍ତି, ହେଲେ ଫଳ ଶୂନ।

୧୭ ୱାର୍ଡ଼ ବିଶିଷ୍ଟ ଏହି ମ୍ୟୁନିସିପାଲିଟିର ମୋଟ ଜନସଂଖ୍ୟା ୩୫, ୫୦୦। ୨୦୧୩ରୁ ଏହା ଏନ୍‌ଏସିରୁ ମ୍ୟୁନିସିପାଲିଟିମାନ୍ୟତା ପାଇଛି। ଜଳେଶ୍ୱର ମ୍ୟୁନିସିପାଲିଟି କାର୍ଯ୍ୟାଳୟଠାରୁ ୫ କି.ମି. ଦୂରରେ ରହିଛି ମଣିପାଟଣା ଗାଁ। ମ୍ୟୁନିସିପାଲିଟିର ସବୁ ୱାର୍ଡ଼କୁ କଂକ୍ରିଟ୍ ରାସ୍ତା ଥିବା ବେଳେ ଏହି ଗାଁକୁ ରାସ୍ତା ନାହିଁ କହିଲେ ଚଳେ। ଏହି ଗାଁରେ ୪୦ହରିଜନ ପରିବାର ବସବାସ କରିଆସୁଛନ୍ତି। ଏହାର ଜନସଂଖ୍ୟା ପ୍ରାୟ ୨୦୦। ଗାଁରୁ ଜଳେଶ୍ୱର ଆସିବାକୁ ପ୍ରାୟ ୨ କି.ମି. ଅଙ୍କାବଙ୍କା ହିଡ଼ଥିବାରୁ କୌଣସି ରିକ୍ସା, ଅଟୋ, ଦମକଳ କିମ୍ବା ଆମ୍ବୁଲାନ୍ସ ଗାଁକୁ ଯାଇପାରେ ନାହିଁ। ଗାଁର ଛାତ୍ରୀଛାତ୍ର ପାଠ ପଢିବା ପାଇଁ ୨କି.ମି. ରାସ୍ତା ଅତିକ୍ରମ କରି ଉନ୍ନୀତ ପ୍ରାଥମିକ ବିଦ୍ୟାଳୟକୁ ଆସିଥାନ୍ତି। ଅନ୍ୟପକ୍ଷରେ ହାଟବଜାର, ଉତ୍ସବ, ବ୍ୟାଙ୍କ ଟ୍ରେଜେରି, ପୋଷ୍ଟ ଅଫିସ୍, ଥାନା, ଡାକ୍ତରଖାନା, ତହସିଲ, ମ୍ୟୁନିସିପାଲିଟି କିମ୍ବା କୌଣସି ସରକାରୀ କାର୍ଯ୍ୟରେ ଏହି ଗାଁରୁ ଯିବା କଷ୍ଟକର ହୋଇପଡେ।


ଛାତ୍ରୀମାନେ ହାତରେ ଜୋତା ଧରି ହିଡ଼ରେ ଯାଉଛନ୍ତି।

୩ ବର୍ଷ ପୂର୍ବେ ଆଇସିଡ଼ିଏସ୍ ଯୋଜନାରେ ଏହି ଗାଁକୁ ବିଦ୍ୟୁତ ଆସିଛି। ଗାଁର ସବୁଲୋକେ ହରିଜନ ଓ ଗରିବ ଶ୍ରେଣୀର ହୋଇଥିବାରୁ ନିକଟ ଗାଁର ଧନୀଲୋକଙ୍କ ଜମି ଭାଗଚାଷ କରି ପରିବାର ପ୍ରତିପୋଷଣ କରିଆସିଥାନ୍ତି। ଏପରିକି ଗାଁରେ ବାହାଘର କିମ୍ବା ମହୋତ୍ସବ ହେଲେ ଅନ୍ୟ ଗାଁରୁ ବନ୍ଧୁବାନ୍ଧବ ନ ଆସିପାରୁଥିବାରୁ ସେମାନଙ୍କୁ ଅନ୍ୟସ୍ଥାନରେ ଅସ୍ଥାୟୀ ତମ୍ବୁ ପକାଇ କାର୍ଯ୍ୟକ୍ରମ କରିବାକୁ ପଡ଼ିଥାଏ। ଗାଁରେ ଗଢ଼ି ଉଠିଥିବା ପ୍ରାଥମିକ ବିଦ୍ୟାଳୟ ଆବଶ୍ୟକ ଛାତ୍ରୀଛାତ୍ର ନ ଥିବାରୁ ବନ୍ଦ ହେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭିନ୍ନ ଭତ୍ତା ଓ ରାଶନ ପାଇଁ ବୃଦ୍ଧାବୃଦ୍ଧ, ଗାଁ ଲୋକେ ଚାଲି ଚାଲି ଅଲାଲପୁରକୁ ଆସିଥାନ୍ତି। ସ୍ଥାୟୀ କଂକ୍ରିଟ୍ ରାସ୍ତାଟିଏ ନ ହେଲେ ଗ୍ରାମର ହରିଶଙ୍କର ଜେନା, କାର୍ତ୍ତିକ ଜେନା, ଚନ୍ଦନ ଜେନା, ରବୀନ୍ଦ୍ର ଜେନା, ଅମ୍ବବତୀ ଜେନା ପ୍ରମୁଖ ଆସନ୍ତା ମ୍ୟୁନିସିପାଲଟି ନିର୍ବାଚନକୁ ସମୂହ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସଂସଦରେ ଦାବି ଉଠାଇଲେ ରାଜ୍ୟ ସଭା ସଦସ୍ୟା

**ବାରିପଦା ଅଫିସ/ ବାଙ୍ଗିରିପୋଷି/ ବିଶୋଇ,୧୮।୩(ଡି.ଏନ.ଏ.)**

ମୟୂରଭଞ୍ଜ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଓ ବାଙ୍ଗରିପୋଷି-ଗୋରୁମହିଷାଣି ରେଳପଥ ନିର୍ମାଣ ଲାଗି ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ସଂସଦରେ ଦାବି ଉପସ୍ଥାପନ କରିଛନ୍ତି। ଅଧିବେଶନର ଶୂନ୍ୟକାଳରେ ସେ ଏହି ଦାବି ଉପସ୍ଥାପନ କରିଥିଲେ। ୪୯ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଦ୍ୱାରଶୁଣୀ ଘାଟିର ୧୦କି.ମି. ରାସ୍ତା ବାଦ ପଡ଼ିଥିବାରୁ ସେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ମଞ୍ଜୁରୀ ମିଳୁ ନ ଥିବାରୁ ସମ୍ପ୍ରସାରଣ କାର୍ଯ୍ୟ ହୋଇପାରୁ ନାହିଁ। ଫଳରେ ପ୍ରତିଦିନ ଘାଟି ରାସ୍ତାରେ ଦୁର୍ଘଟଣା ଘଟି ଅନେକଙ୍କ ମୃତ୍ୟୁ ଘଟୁଛି। ସେହିପରି ଦୁର୍ଘଟଣା ପାଇଁ ଘାଟି ରାସ୍ତାରେ ଯାନବାହାନ ଚଳାଚଳ ଦୀର୍ଘ ସମୟ ଧରି ବନ୍ଦ ରହୁଥିବାରୁ ଜଙ୍ଗଲ ମଧ୍ୟରେ ଚାଳକ ଓ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଏଲ୍‌ଆଣ୍ଡଟି ଠିକା ସଂସ୍ଥା ପକ୍ଷରୁ ଜାମଶୋଳାଠାରୁ ତୁରୁମୁଙ୍ଗା ପର୍ଯ୍ୟନ୍ତ ୧୦୨ କି.ମି. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ତେବେ ବାଦ ଦିଆଯାଇଥିବା ଘାଟି ରାସ୍ତାର ୧୦କି.ମି. ଅଂଶକୁ ତୁରନ୍ତ ସମ୍ପ୍ରସାରଣ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ମମତା ଦାବି ଉପସ୍ଥାପନ କରିଛନ୍ତି।

ସେହିପରି ପ୍ରସ୍ତାବିତ ବାଙ୍ଗରିପୋଷି-ଗୋରୁମହିଷାଣି ୪୮କି.ମି. ରେଳ ଲାଇନର ନିର୍ମାଣ ସମ୍ପର୍କରେ ସେ ଦାବି ଉପସ୍ଥାପନ କରିଥିଲେ। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ଏହି ରେଳ ଲାଇନ ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଛି। ଦକ୍ଷିଣ ପୂର୍ବ ରେଳବାଇ ଅନ୍ତର୍ଗତ ଚକ୍ରଧରପୁର ଡିଭିଜନର ଗୋରୁମହିଷାଣି(ଟାଟା-ବାଦାମପାହାଡ଼) ଲାଇନ ସହିତ ଖଡଗପୁର ଡିଭିଜନର ରୁପ୍‌ସା-ବାଙ୍ଗିରିପୋଷି ରେଳ ଲାଇନ ସଂଯୋଗ ହେଲେ ଏହା ଆନ୍ତଃରାଜ୍ୟ ରେଳ ରୁଟ୍‌ର ମାନ୍ୟତା ପାଇବ। ଏଥି ସହିତ ରାଇରଙ୍ଗପୁର ଉପଖଣ୍ଡ ସହିତ ସଦର ଉପଖଣ୍ଡର ଯୋଗାଯୋଗ ସମ୍ଭବ ହେବା ସହିତ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ବିକଳ୍ପ ଯୋଗାଯୋଗ ମାଧ୍ୟମ ଖୋଲିପାରିବ। ଯାହା ଫଳରେ ମୟୂରଭଞ୍ଜର ପର୍ଯ୍ୟଟନ ବିକାଶ ସାଙ୍ଗକୁ ଶିଳ୍ପ ଓ ବାଣିଜ୍ୟର ବିକାଶ ଘଟି ଅନେକ ବେରୋଜଗାର ଯୁବତୀ ଯୁବକ ନିଯୁକ୍ତିର ସୁଯୋଗ ପାଇପାରିବେ ବୋଲି ସେ ଦର୍ଶାଇଛନ୍ତି।

**୪୯ନଂ.ଜାତୀୟ ରାଜପଥ ସମ୍ପ୍ରସାରଣ, ବାଙ୍ଗିରିପୋଷି-ଗୋରୁମହିଷାଣି ରେଳପଥ ନିର୍ମାଣ**

## ଜିଲାସ୍ତରୀୟ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀମାନେ।

**ବାଲେଶ୍ୱର ଅଫିସ, ୧୮।୩**

ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ୮୬ତମ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଆସନ୍ତା ଏପ୍ରିଲ ୧ତାରିଖ ଓଡ଼ିଶା ଦିବସରେ ଭୋର୍ ସାଢ଼େ ୪ଟା ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ, ଭାଷା ବନ୍ଦନା ସଙ୍ଗୀତ ସମେତ ଅନ୍ୟାନ୍ୟ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯିବ। ପୂର୍ବାହ୍ନ ସାଢ଼େ ୮ଟା ସମୟରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ସାମୂହିକ ମାଲ୍ୟାର୍ପଣ କରାଯିବ। ମାଲ୍ୟାର୍ପଣ ପରେ ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟଠାରେ ଜିଲା ରେଡ଼କ୍ରସ ସଂସ୍ଥା, ନେହେରୁ ଯୁବକେନ୍ଦ୍ର, ବିଭିନ୍ନ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ। ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ସାଧାରଣ ସଭା, ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ ସହ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରାଯିବ। ବୈଠକରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ନିମନ୍ତେ ସବୁସ୍ତରରେ ଉଦ୍ୟମ କରିବାକୁ ସହମତି ପ୍ରକାଶ ପାଇଥିଲା। ବୈଠକରେ ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର, ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଟିଏମ୍ ଠକେଇ ଘଟଣା, ୨ଗିରଫ

**ଖଇରା, ୧୮।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଡ ବଜାରରେ ଜଣେ ବ୍ୟକ୍ତିଙ୍କୁ ଠକିଏଟିଏମ୍‌ରୁ ୧୮ହଜାର ଟଙ୍କା ଉଠାଇ ନେଇ ପଳାଇଯିବା ଅଭିଯୋଗରେ ଏଏସ୍‌ଆଇ ଶ୍ୟାମସୁନ୍ଦର ବିଦ୍ଧାଣୀ ୨ ଯୁବକଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ତେନ୍ତୁଳିଆପଡା ଗ୍ରାମର ସୀମନ୍ତ ପ୍ରଧାନ ଓ ସୋର ବେଲଦାର ଚନ୍ଦନ ଦଲେଇ। ୧୫ ତାରିଖରେ ରୁଡିଙ୍ଗିଆ ଗ୍ରାମର ସାଧୁ ଚରଣ ପଲେଇ ଗଣ୍ଡିବେଡ ଏସ୍‌ବିଆଇ ଏଟିଏମରୁ ୨ହଜାର ଟଙ୍କା ଉଠାଇବାକୁ ଯାଇଥିଲେ। ସେ ଜାଣି ନ ଥିବାରୁ ପାଖରେ ଥିବା ଚନ୍ଦନଙ୍କୁ ଟଙ୍କା ଉଠାଇବାକୁ କହିଥିଲେ। ଚନ୍ଦନ ଏଟିଏମ ବଦଳାଇ ନିଜ ପାଖରେ ଥିବା ଅନ୍ୟ ଏକ ଏଟିଏମ କାର୍ଡ ଭର୍ତ୍ତି କରି ଟଙ୍କା ନ ଥିବା କହି ସେହି କାର୍ଡକୁ ଫେରାଇ ଦେଇଥିଲେ। ପରେ ସାଧୁଙ୍କ କାର୍ଡକୁ ବ୍ୟବହାର କରି ସହଯୋଗୀ ସୀମନ୍ତଙ୍କ ସହ ମିଶି ୧୮ହଜାର ଟଙ୍କା ଉଠାଇ ନେଇଥିଲେ। ଏ ନେଇ ସାଧୁଙ୍କ ଅଭିଯୋଗ କ୍ରମେ ଖଇରା ଥାନାରେ ମାମଲା (ନଂ.୬୪/୨୧) ରୁଜୁ ହୋଇଥିଲା।

## ୬୦ ଗ୍ରାମୀଣ ମହିଳା ଉଦ୍ୟୋଗୀ ପୁରସ୍କୃତ



ଅତିଥିଙ୍କ ଗହଣରେ ପୁରସ୍କୃତ ମହିଳା ଉଦ୍ୟୋଗୀମାନେ।

**ଯୋଡ଼ା/କେନ୍ଦୁଝର,୧୮।୩(ଡି.ଏନ.ଏ)**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ସାମାଜିକ ଶାଖା ଜେଏସ୍‌ପିଏଲ୍ ଫାଉଣ୍ଡେସନ ସହାୟତାରେ ୬୦ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଛି। କେନ୍ଦୁଝର ଜିଲାର ଦେଓଝର ଏବଂ କଣ୍ଡରା ପଞ୍ଚାୟତର ଏହି ମହିଳାମାନେ ଫାଉଣ୍ଡେସନ ଦ୍ୱାରା ବିଭିନ ଜୀବିକା ସୃଷ୍ଟିକାରୀ କାର୍ଯ୍ୟକ୍ରମ ଉପରେ ତାଲିମ ପ୍ରାପ୍ତ ହୋଇ ନିଜନିଜ ଅଞ୍ଚଳରେ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିବାରୁ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୫୦ଜଣ ମହିଳା ଛତୁଚାଷରେ ସଫଳ ହୋଇଥିବାରୁ ସେମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସିଲେଇ ଦ୍ୱାରା ରୋଜଗାରକ୍ଷମ ହୋଇ ନିଜ ଅଞ୍ଚଳରେ ଭିନ୍ନ ପରିଚୟ ସୃଷ୍ଟି କରିପାରିଥିବା ୧୦ ମହିଳାଙ୍କୁ ଚିହ୍ନଟ କରାଯାଇଥିଲା।

ଏହି ଅବସରରେ ବଡ଼ବିଲ ପ୍ଲାଣ୍ଟ ମୁଖ୍ୟ ବ୍ରିଜ ବଦହଦରା ମହିଳା ଉଦ୍ୟୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନୀତ ଅତିଥି ଭାବେ ଯୋଡ଼ା ବ୍ଲକର ସହକାରୀ କୃଷି ଅଧିକାରୀ ଦମୟନ୍ତୀ ହାଁସଦା ଯୋଗଦେଇ ଜେଏସ୍‌ପିଏଲ୍ ଫାଉଣ୍ଡେସନର ଏହି କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ପ୍ରଶ୍ନୋତ୍ତର ଅବସରରେ ନିକଟବର୍ତ୍ତୀ କୁଲୁଡୁମ ଗ୍ରାମର ମାଳତୀ ମହାନ୍ତ ନିଜର ସଫଳ କାହାଣୀ ବଖାଣି ଥିଲେ। ବଡ଼ବିଲ ପ୍ଲାଣ୍ଟର ସିଏସ୍‌ଆର ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଓଝର ପଞ୍ଚାୟତ ସରପଞ୍ଚ ମଙ୍ଗଳ ମୁଣ୍ଡା, ସମିତି ସଭ୍ୟ ଯୁଧିଷ୍ଠିର ପଲେଇ ଏବଂ ସିଏସଆର ବିଭାଗ ମୁଖ୍ୟ ଉର୍ଜଳ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୧୮।୩**

ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର ପରିସରରେ ଭଦ୍ରକ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ଉକ୍ତ କେନ୍ଦ୍ର କାର୍ଯ୍ୟ କରୁଛି। ନୂତନ ଭାବେ ଖୋଲାଯାଇଥିବା ଏହି କେନ୍ଦ୍ର ଭିନ୍ନକ୍ଷମଙ୍କୁ ଥଇଥାନ କରିବାରେ ସହାୟକ ହୋଇପାରିବ ବୋଲି କୁହାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ, ଅବସରପ୍ରାପ୍ତ ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟ, ଡା.ଦେବରାଜ ପାଣିଗ୍ରାହୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଭଗବାନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦ ନାୟକ, ଗୋପାଳ ଚନ୍ଦ୍ର ନାୟକ, ଗୟାଧର ସାହୁ, କମଳାକାନ୍ତ ବାରିକ, ସ୍ମିତା ନାୟକ, ସସ୍ମିତା ରାଉତ, ଅମିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବିଧାୟକ ସଞ୍ଜୀବ ମଲ୍ଲିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

## ଆଖି ହରାଇଥିବା ସୁନୀଲଙ୍କୁ ସହାୟତା

**ଧରିତ୍ରୀ ପ୍ରଭାବ**

**ସିମୁଳିଆ, ୧୮।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ରାମବିନ୍ଧା ଅଞ୍ଚଳର ଦୁଇ ଆଖି ହରାଇଥିବା ସୁନୀଲ କୁମାର ଧିନ୍ଦାଙ୍କୁ ସହଯୋଗର ହାତ ବଢ଼ିବାରେ ଲାଗିଛି। ଭାରତ ବାହାରେ ରହୁଥିବା ସିମୁଳିଆ ବ୍ଲକ ଚାଲୁଣୀଗାଁ ଅଞ୍ଚଳର କ୍ଷୀରୋଦ କୁମାର ଦାଶ ସୁନୀଲଙ୍କ ଚିକିତ୍ସା ପାଇଁ ୧୦ହଜାର ଟଙ୍କା ସହାୟତା ରାଶି ପଠାଇଛନ୍ତି। ଏହି ରାଶିକୁ ଚାଲୁଣୀଗାଁ ଅଞ୍ଚଳର ବାପୁଜୀ ଯୁବ ପରିଷଦର ସଭ୍ୟ ତଥା ଶିକ୍ଷକ ନରୋତ୍ତମ ଦାସ, ରଞ୍ଜନ କୁମାର ଦାସ, ସୁରେଶ ଚନ୍ଦ୍ର ଦାସ, ରଞ୍ଜନ କୁମାର ଦାସ, ଚିରଞ୍ଜୀବୀ ମଲିକ ପ୍ରମୁଖ ପହଞ୍ଚି ସୁନୀଲ ଓ ତାଙ୍କ ମା'ବାପାଙ୍କୁ ଭେଟି ସମସ୍ତ କଥା ପଚାରି ବୁଝିଥିଲେ। ତେବେ ସୁନୀଲଙ୍କ ଚିକିତ୍ସା ପାଇଁ ସମସ୍ତ ଡାକ୍ତରୀ ଖର୍ଚ୍ଚ ସମେତ ଔଷଧ ଖର୍ଚ୍ଚ ବହନ କରିବେ ବୋଲି କ୍ଷୀରୋଦ ଫୋନ୍ ଯୋଗେ ସୂଚନା ଦେଇଛନ୍ତି। ସେହିପରି ଶିକ୍ଷକ ଶିବପ୍ରସାଦ ପଣ୍ଡା, ବବିତା ମଞ୍ଜରୀ ମହାପାତ୍ର, ନିରଞ୍ଜନ ନାୟକ ୫ଶହ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଗତ ବୁଧବାର ସ୍ଥାନୀୟ ଅଞ୍ଚଳର କିରଣ କୁମାର ଧିନ୍ଦା ସୁନୀଲଙ୍କୁ ନେଇ ଭୁବନେଶ୍ୱରର ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ତାଙ୍କ ଆଖି ପରୀକ୍ଷା କରାଇଛନ୍ତି। ଡ. ଶ୍ରୀକାନ୍ତ ପାଢ଼ୀ ଓ ଅମ୍ରିତା ମହାନ୍ତି ସୁନୀଲଙ୍କ ଚିକିତ୍ସା କରିବା ପରେ ତାଙ୍କ ବାମ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଡାହାଣ ଆଖିର ଚିକିତ୍ସା କରାଗଲେ ପ୍ରାୟ ସେ ଦେଖିପାରିବେ ବୋଲି ସୂଚନା ଦେଇଛନ୍ତି। ଆସନ୍ତା ୨୬ରେ ପୁଣି ତାଙ୍କ ଆଖି ପରୀକ୍ଷା କରାଯିବ। ଗତ ଜାନୁଆର ୩୧ତାରିଖରେ 'ଧରିତ୍ରୀ'ରେ 'ଦୁଇ ଆଖି ହରାଇଲେ ଯୁବକ' ଶୀର୍ଷକରେ ଖବର ପ୍ରକାଶ ପାଇବା ପରେ ଏହି ସହାୟତା ମିଳିଛି।


ଚାଲୁଣୀଗାଁ ବାପୁଜୀ ଯୁବ ପରିଷଦର ଯୁବକମାନେ ସୁନୀଲଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

**ପଦ୍ମପୁର, ୧୮।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁରଠାରେ ଏକ ଚିଙ୍ଗୁଡ଼ି ଫାର୍ମରେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବାଗଦପା ଗ୍ରାମର ପୁର୍ମି ମହାକୁଡ଼। ସୂଚନା ଅନୁଯାୟୀ, ସେ ଦୁଇଦିନ ତଳେ ସ୍ଥାନୀୟ ଅଞ୍ଚଳର ଉକ୍ତ ପୋଖରୀରେ କାମ କରିବା ପାଇଁ ଆସିଥିଲେ। ବୁଧବାର ସନ୍ଧ୍ୟାରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ନାୟକାଣିଡିହୀ ପୋଲିସକୁ ଖବର ଦେଇଥିଲେ। ଏଏସ୍‌ଆଇ ଦିଲୀପ କୁମାର ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଗୁରୁବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪/୨୧) ରୁଜୁ ହୋଇଛି।

## ଖୋଲା ଆକାଶ ତଳେ ମୁଣ୍ଡନ

**ଆରଡ଼ି,୧୮।୩(ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ଆଖଣ୍ଡଳମଣି ପୀଠକୁ ଓଡ଼ିଶା ଏବଂ ରାଜ୍ୟ ବାହାରୁ ଭକ୍ତମାନେ ପ୍ରତିଦିନ ଏଠାକୁ ଛୁଟି ଆସନ୍ତି। ବିଶେଷ କରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲାର ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ପୀଠକୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ମାନସିକ ପୂରଣ ଛଡ଼ା ଏଠାରେ ପିଲାମାନଙ୍କର ମସ୍ତକ ମୁଣ୍ଡନ ପାଇଁ ଏଠାରେ ଭିଡ଼ ଲାଗିଥାଏ। ଶୈବପୀଠକୁ ଆସି ଚୂଳପକା ମଣ୍ଡପରେ ପିଲାମାନଙ୍କ ଚୂଳ ପକାଯାଇଥାଏ। ପୂର୍ବରୁ ଥିବା ଚୂଳପକା ମଣ୍ଡପ ଭାଙ୍ଗି ଯାଇଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ନୂତନ ମଣ୍ଡପ ମଧ ନିର୍ମିତ ହୋଇଛି। କିନ୍ତୁ ଏଠାରେ ଏପର୍ଯ୍ୟନ୍ତ ଚୂଳପକା କାର୍ଯ୍ୟ ହୋଇପାରି ନାହିଁ। ପୀଠ ପରିସରରେ ଥିବା ପରିତ୍ୟକ୍ତ ଶୌଚାଳୟ ଆଗରେ ଖୋଲା ଆକାଶ ତଳେ ମସ୍ତକ ମୁଣ୍ଡନ କାର୍ଯ୍ୟ ଚାଲିଛି। ଏହାକୁ ନେଇ ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।


ଆରଡ଼ି ପୀଠରେ ଏକ ଅପନ୍ତରା ସ୍ଥାନରେ ପିଲାଙ୍କ ମୁଣ୍ଡନ କରାଯାଉଛି।

**ଶ୍ରଦ୍ଧାଳୁ ଅସନ୍ତୁଷ୍ଟ**

ପୀଠରେ ଦୈନନ୍ଦିନ ଶତାଧିକ ପିଲାଙ୍କ ମସ୍ତକ ମୁଣ୍ଡନ କାର୍ଯ୍ୟ ଏକ ଅପନ୍ତରା ସ୍ଥାନରେ କାହିଁକି ଚାଲିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାୟୀ ଚୂଳପକା ମଣ୍ଡପ ଥାଇ ମଧ କାହିଁକି କାର୍ଯ୍ୟକାରୀ ହେଉନି ତାହାର ତଦନ୍ତ ହେବା ଦରକାର ବୋଲି ସୁନ୍ଦରପୁରର ପୂର୍ବତନ ସରପଞ୍ଚ କିଶୋର ନାୟକ ମତପ୍ରକାଶ କରିଛନ୍ତି। ବର୍ତ୍ତମାନ ଯେଉଁଠାରେ ପିଲାଙ୍କ ମୁଣ୍ଡନ କରାଯାଉଛି ତାହା ପୀଠର ଗୌରବକୁ କ୍ଷୁର୍ଣ୍ଣ କରୁଛି ବୋଲି ଅନୁଭବ କରୁଥିବା ନିଜ ନାତିର ଚୂଳ ପକାଇବାକୁ ଆସିଥିବା ଆଖଣ୍ଡଳମଣି କଲେଜର ଅବସରପ୍ରାପ୍ତ ଅଧକ୍ଷ ଜୟନ୍ତ ଗୋସ୍ୱାମୀ କହିଥିଲେ। ଏ ସମ୍ପର୍କରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ନୂତନ ମଣ୍ଡପ କାର୍ଯ୍ୟକାରୀ ହେବାରେ ସାମାନ୍ୟ ପ୍ରତିବନ୍ଧକ ରହିଥିବା କହିଛନ୍ତି। ଖୁବ୍‌ଶୀଘ୍ର ଜିଲା ପ୍ରଶାସନ ଏହାର ସମାଧାନ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ୩୦ ମାତୃପିତୃହୀନ ପିଲା ଚିହ୍ନଟ

ବନ୍ତ,(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ୩୦ ଜଣ ମାତୃପିତୃହୀନ ବାଳିକା ବାଳକଙ୍କୁ ଚିହ୍ନଟ କରାଯାଇଥିବା ସୂଚନା ଦିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବିଡିଓ ରେବେକା ବିଲୁଙ୍ଗ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ସୁଦର୍ଶନ ବାରିକ, ସଭ୍ୟ ସଙ୍ଗୀତା ଗିରି, ପ୍ରଦୀପ୍ତ କର, ସତ୍ୟସୁନ୍ଦର ପୁହାଣ, ସ୍ମୃତିରେଖା ମହାନ୍ତି, ସିଡିପିଓ ରେଣୁବାଳା ଦାଶ, ସୁପରଭାଇଜର ମିନତି ଦାସ, ରେଖା ନାୟକ, କ୍ଷଣପ୍ରଭା ବାରିକ ଓ ଜ୍ୟୋସ୍ନାରାଣୀ ଚାନ୍ଦ ଚିହ୍ନଟ ପ୍ରକ୍ରିୟାରେ ସାମିଲ ଥିଲେ।

### ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି କନଭେନଶନ୍। ସ୍ଥାନ: ଆୟୁଷ୍ମାନ ଭବନ କଲ୍ୟାଣ ମଣ୍ଡପ, ଗୋପାଳଗାଁ। ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଇଣ୍ଟିଗ୍ରେଶନ୍ ସିଜନ୍-୭ ଉଦ୍‌ଯାପନୀ ସମାରୋହ। ସ୍ଥାନ: ଗାନ୍ଧୀ ସ୍ମୃତି ଭବନ। ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**

- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ଭିଜନ-୨୦୨୪ ଟୁର୍ନାମେଣ୍ଟର ୩ୟ ଦିବସ ଖେଳ, ଡିଆରକେ 'ବି' ସହିତ ମୁସ୍କାନ ଏବଂ ବିଜେଏମ୍‌ସିସି ସହିତ କରଞ୍ଜିଆ ଆଥ୍‌ଲେଟିକ ଦଳ। ସ୍ଥାନ-ବାରିପଦା ଷ୍ଟାଡିୟମ ଓ କଲେଜ ପଡିଆ। ସମୟ: ପୂର୍ବାହ୍ନ ୯ଟା।

# ଶିମିଳିପାଳ ବନାଗ୍ନି: ଭଞ୍ଜସେନାର ବିକ୍ଷୋଭ

**ବାରିପଦା ଅଫିସ,୧୮।୩**

ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କୁ ବହିଷ୍କାର ଓ ନିଆଁଲିଭାରେ ନିୟୋଜିତ ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଗୁରୁବାର ଭଞ୍ଜସେନା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ସେନାର କର୍ମକର୍ତ୍ତାମାନେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେନାର ସଭାପତି ପିଣ୍ଟୁ ମାଇତି ଚେତାବନୀ ଦେଇଛନ୍ତି। ଅଭୟାରଣ୍ୟରେ ବନାଗ୍ନିକୁ ଆୟତ୍ତ କରିବାରେ ବିଫଳ ହେବା ଓ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରି କାର୍ଯ୍ୟ ତୁଲାଉଥିବା ଉପ ନିର୍ଦ୍ଦେଶକ ପତିଙ୍କୁ ବହିଷ୍କାର ଦାବିରେ ଭଞ୍ଜ ସେନା ପକ୍ଷରୁ ଗତ ୧୦ତାରିଖରେ ମୟୂରଭଞ୍ଜ ଜିଲା ବନ୍ଦ ପାଳନ କରାଯାଇଥିଲା। ସେହିପରି ନିଆଁ ଲିଭାଇବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ା ଯାଇଥିବା ବେଳେ ଅଣକର୍ମଚାରୀ ବୀର କିଶୋର ସିଂଙ୍କ ମୃତ୍ୟୁକୁ ନେଇ ଅସନ୍ତୋଷ ତେଜିଛି। ନିଆଁ ଲିଭାରେ ନିୟୋଜିତ ଅଣ କର୍ମଚାରୀମାନଙ୍କୁ ବନବିଭାଗ ପକ୍ଷରୁ ସୁରକ୍ଷା କିଟ୍ ପ୍ରଦାନ ଓ ଆବଶ୍ୟକ ଖାଦ୍ୟପେୟ ଯୋଗାଇ ଦିଆଯାଇ ନ ଥିବାରୁ ବୀର କିଶୋରଙ୍କ ମୃତ୍ୟୁ ଘଟିଲା ବୋଲି ଭଞ୍ଜସେନା ଅଭିଯୋଗ କରିଛି। ତେବେ ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ସେନା ପକ୍ଷରୁ ଦାବି କରାଯାଇଛି। ଏଥିରେ ସେନା କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ରାକେଶ ବେହେରା, ବାଜୁନ ହାଁସଦାଃ, ମାନସ ବେହେରା, ସୌମ୍ୟରଞ୍ଜନ ମିଶ୍ର, ଜ୍ୟୋତି ରଞ୍ଜନ ପୃଷ୍ଟି, ଏସ.କେ.ରାଜାଖାନ ଓ ଜିତୁ ଶିବାନନ୍ଦଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।



ଭଞ୍ଜ ସେନା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆଦିବାସୀ ମହିଳା ଯନ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

**ବାରିପଦା ଅଫିସ,୧୮।୩**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକରେ କାର୍ଯ୍ୟରତ ଜଣେ ଆଦିବାସୀ ମହିଳା ଯନ୍ତ୍ରୀଙ୍କୁ ମାଡ଼ ମରାଯିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ କପ୍ତିପଦା ଥାନା ପୋଲିସ ଏକ ମାମଲା (ନଂ. ୭୪/୨୧)ରେ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋଭିଡ୍ ଆକ୍ରାନ୍ତ ଜଣାପଡ଼ିବାରୁ ତାଙ୍କୁ ନୋଟିସ୍ ଦେଇ ଛାଡ଼ି ଦେଇଛି। ଅଭିଯୁକ୍ତ ହେଲେ ଝିଙ୍କପଦା ପଞ୍ଚାୟତ କୁଆଗଠଣା ଗ୍ରାମର ରମେଶ ଖଟୁଆ(୪୫)। ତେବେ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ମହିଳା ଯନ୍ତ୍ରୀ ଜଣକ ଗୁରୁବାର ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି।

ସୂଚନା ଅନୁଯାୟୀ, କନିଷ୍ଠଯନ୍ତ୍ରୀ ସାଗରିକା ମୁର୍ମୁ ସୋମବାର ବ୍ଲକ ଅଫିସରେ ବସି କାର୍ଯ୍ୟ କରୁଥିବା ସମୟରେ ରମେଶ କିଛି ସମର୍ଥକଙ୍କ ସହ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପରେ ରମେଶ ଉତ୍ତ୍ୟକ୍ତ ହୋଇ ଏକ ଚେୟାରରେ ତାଙ୍କୁ ଆକ୍ରମଣ କରିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରୁ ମାରି ଦେବାର ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଘଟଣା ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯିବା ପରେ ବିଡିଓ ସତ୍ୟନାଥ ନାଏକ ଥାନାରେ ଲିଖିତ ଏତଲା ଦେଇଥିଲେ । ଏହାକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଦୋଷୀଙ୍କ ପ୍ରତି ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଜିଲା ଦଳିତ ଆଦିବାସୀ ମହାସଂଘର ସଭାପତି ରାକେଶ ସିଂ ଚେତାବନୀ ଦେଇଛନ୍ତି ।

# ଖାଦ୍ୟ ବ୍ୟବସାୟୀ ପଞ୍ଜୀକରଣ ମେଳା

**କେନ୍ଦୁଝର, ୧୮।୩ (ସ୍ୱ.ପ୍ର.):** କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଟାଉନ ହଲ୍‌ଠାରେ ଖାଦ୍ୟ ବ୍ୟବସାୟୀ ପଞ୍ଜୀକରଣ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ଯୋଗଦେଇ ମେଳା ଆୟୋଜନ ଉପରେ ଉଦ୍‌ବୋଧନ ଦେବା ସହ ୨ ଶହ ବ୍ୟବସାୟୀଙ୍କୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଲଲାଟେନ୍ଦୁ ନାୟକ, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା, ସ୍ୱାସ୍ଥ୍ୟ ନିରୀକ୍ଷକ ବାଲ୍ୟ ମୁକୁନ୍ଦ ମିଶ୍ର ଓ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସେହିପରି ବିଭିନ୍ନ ଛୋଟ ଛୋଟ ବ୍ୟବସାୟୀଙ୍କୁ ପଞ୍ଜୀକରଣ ପାଇଁ ସଚେତନ କରିବା ସହ ସ୍ୱତନ୍ତ୍ର କ୍ୟାମ୍ପ ଜରିଆରେ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

**ଅପହୃତା ନାବାଳିକାଙ୍କୁ ହତ୍ୟା ଅଭିଯୋଗ**

# ହାଇଦ୍ରାବାଦରୁ ଯୁବକ ଗିରଫ

**ଆରଡ଼ି, ୧୮।୩(ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ଅପହରଣ ପରେ ହତ୍ୟା ଅଭିଯୋଗରେ ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ ସାନପଙ୍କୀ ଗ୍ରାମର ସର୍ବଜିତ୍ ବେହୁରିଆଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ୨୦୨୦ରେ ସର୍ବଜିତ ରଇପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ଧୂଷୁରୀ ଥାନାରେ ମାମଲା (ନଂ. ୨୨୫/୨୦) ରୁଜୁ ହୋଇଥିଲା। ସର୍ବଜିତ ନାବାଳିକାଙ୍କୁ ନେଇ ହାଇଦ୍ରାବାଦରେ ରହୁଥିବା ବେଳେ ଗତ ୧୩ ତାରିଖରେ ଝିଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ନାବାଳିକାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ପୁନଃ ଥାନାରେ ଅଭିଯୋଗ କରାଯାଇଥିଲା। ଥାନାଧିକାରୀ ପ୍ରଫୁଲ୍ଲ ସିଂ ଓ ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକ ହାଇଦ୍ରାବାଦ ଯାଇ ସର୍ବଜିତଙ୍କୁ ଗିରଫ କରିଥିଲେ।

# ଆଇଜିଙ୍କ ରାଇରଙ୍ଗପୁର, କରଞ୍ଜିଆ ଗସ୍ତ

**ରାଇରଙ୍ଗପୁର,୧୮।୩(ଡି.ଏନ.ଏ)**

ପୋଲିସ ଆଇଜି ଦିପ୍ତେଶ ପଟ୍ଟନାୟକ ବୁଧବାର ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଏବଂ କରଞ୍ଜିଆ ପୋଲିସ ସର୍କଲ ଗସ୍ତ କରିଥିଲେ। ଏହି ଅବସରରେ ଆଇଜି ପଟ୍ଟନାୟକ ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ରାଇରଙ୍ଗପୁର ଟାଉନ, ବହଳଦା, ତିରିଙ୍ଗ ଓ ଯାମଦା ଥାନା ଏବଂ କରଞ୍ଜିଆ ପୋଲିସ ସର୍କଲ ଅଧୀନ ରରୁଆଁ ଏବଂ ଘାଗରବେଡା ଥାନାଗୁଡ଼ିକ ପରିଦର୍ଶନ କରିଥିଲେ। ସମ୍ପୃକ୍ତ ଥାନା ଗୁଡ଼ିକରେ ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟକଳାପ ସମେତ ବିଭିନ୍ନ ସମସ୍ୟା ଉପରେ ଥାନା ଅଧିକାରୀ ଏବଂ ଅନ୍ୟ ପୋଲିସ ପଦାଧିକାରୀ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ। ଥାନା ପରିଦର୍ଶନ ବେଳେ ଆଇଜିଙ୍କ ସହ ମୟୂରଭଞ୍ଜ ଏସ୍‌ପି ପରମାର ସ୍ମିଥ ପୁରଷୋତ୍ତମ ଦାସଙ୍କ ସମେତ ରାଇରଙ୍ଗପୁର ଓ କରଞ୍ଜିଆ ସର୍କଲ ଏସ୍‌ଡିପିଓ ଉପସ୍ଥିତ ଥିଲେ।

# ଯୁବକଙ୍କ ମୃତଦେହ ଜବତ

**ପାଟଣା,୧୮।୩(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ନିହୁଆଁ ଗାଁ ନୂଆସାହିର ଏକ ଆକାଶିଆ ଗଛରୁ ଗୁରୁବାର ସକାଳୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ସେହି ସାହିର ନାଗାର୍ଜୁନ ନାଏକ। ଏକ ତଉଲିଆରେ ସେ ଫାଶୀ ଲଗାଇ ଝୁଲୁଥିବା ଦେଖି ଗ୍ରାମବାସୀ ତୁରୁମୁଙ୍ଗା ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ଏହା ଆତ୍ମହତ୍ୟା କିମ୍ବା ହତ୍ୟା ତାହା ସ୍ପଷ୍ଟ ହୋଇନି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ସୁଶାନ୍ତମଣି ମହାନ୍ତି କହିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୧) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି

**ମୁଖ୍ୟ ରାସ୍ତାକୁ ବାଡଘେରି ବନ୍ଦ କରିବେ ଗ୍ରାମବାସୀ**

**ବାହାନଗା, ୧୮।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକ ମହାରାଜପୁର ଗ୍ରାମର ଥିବା ସମସ୍ତ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ। ତାହାର ସୁରକ୍ଷା ଓ ଉଚ୍ଛେଦ କରା ନ ଗଲେ ଗ୍ରାମର ମୁଖ୍ୟ ରାସ୍ତାକୁ ବାଡ ଘେରି ବନ୍ଦ ରଖିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏନେଇ ଗ୍ରାମବାସୀ ବାଲେଶ୍ୱର ଉପଜିଲାପାଳଙ୍କଠାରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

ମହାରାଜପୁର ଗ୍ରାମର ସରକାରୀ ଜମି ତଥା ଜଙ୍ଗଲ ଜମି, ଗୋଚର ଜମି, ଅନାବାଦୀ ଜମି କିଛି ବାହାର ଅଞ୍ଚଳର ଲୋକେ ନିଜ ଅକ୍ତିଆରକୁ ନେଇ ଜବରଦଖଲ କରି ରଖିଛନ୍ତି । ଗ୍ରାମବାସୀ ରେମୁଣା ତହସିଲଦାରଙ୍କଠାରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଯଦିପ୍ରଶାସନ ଗ୍ରାମବାସୀଙ୍କ ଦାବି ପ୍ରତି ଗୁରୁତ୍ୱ ନ ଦିଏ ତାହେଲେ ଆସନ୍ତା ୨୩ତାରିଖଠାରୁ ଗ୍ରାମର ମୁଖ୍ୟ ରାସ୍ତାକୁ ଗ୍ରାମବାସୀ ଅନିର୍ଦ୍ଦିଷ୍ଟ କାଳ ବାଡଘେରି ଅବରୋଧ କରି ରଖିବେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତା ବନ୍ଦ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଗ୍ରାମବାସୀ ମହାରାଜପୁର ସରପଞ୍ଚ, ଖନ୍ତାପଡା ଥାନା ଅଧିକାରୀ, ରେମୁଣା ତହସିଲଦାର, ବାଲେଶ୍ୱର ଏସ୍‌ପିଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଆକାରରେ ଅବଗତ କରାଇଛନ୍ତି।



